# ମୋ ମାଟି ମୋ ଦେଶ ଅଭିଯାନ ର ଶୁଭାରମ୍ଭ ।

ମୋ ମାଟି ମୋ ଦେଶ ଅଭିଯାନ ପଞ୍ଚାୟତ ସ୍ତରରୁ ଜାତୀୟ ସ୍ତର ପର୍ଯ୍ୟନ୍ତ ଆଜି ଠାରୁ ଶୁଭାରମ୍ଭ ହୋଇଛି । ଏହି ଅଭିଯାନ ଚଳିତ ମାସ ୧୫ ତାରିଖ ଯାଏଁ ଚାଲିବ । ଆଜାଦି କା ଅମୃତ ମହୋତ୍ସବ ଅନ୍ତର୍ଗତ ଏହି ଅଭିଯାନରେ ବୀର ସୈନିକମାନଂକ ଉଦ୍ଦେଶ୍ୟରେ ପଞ୍ଚାୟତ ସ୍ତରରୁ ବିଭିନ୍ନ କାର୍ଯ୍ୟକ୍ରମମାନ ଆରମ୍ଭ କରାଯାଇଛି । ସେଥିମଧ୍ୟରେ ସହିଦ୍ ସ୍ମାରକୀ ( ଶିଳା ଫଳକମ୍), ପଞ୍ଚପ୍ରାଣ ପ୍ରତିଜ୍ଞା,ବସୁଧା ବନ୍ଦନ (୭୫ଗୋଟି ଔଷଧୀୟ ବୃକ୍ଷ ରୋପଣ) ,ସହିଦମାନଂକ ଉଦ୍ଦେଶ୍ୟରେ ବନ୍ଦନା (ବୀରୌଁକା ବନ୍ଦନା) ଓ ସ୍ମାରକୀ ସ୍ଥଳରେ ଜାତୀୟ ପତାକା ଉତ୍ତୋଳନ ଓ ରାଷ୍ଟ୍ରଗାନ ଆଦି କାର୍ଯ୍ୟକ୍ରମ ସ୍ଥିରିକୃତ ହୋଇଅଛି । ପ୍ରତ୍ୟେକ ପଞ୍ଚାୟତରୁ ମୃତ୍ତିକା ସଂଗ୍ରହ କରାଯାଇ ଦିଲ୍ଲୀର କର୍ତ୍ତବ୍ୟ ପଥ ଠାରେ ସ୍ୱାଧିନତା ଦିବସ ଅବସରରେ ପ୍ରଦାନ କରାଯିବ । ସ୍ୱାଧୀନତା ସଂଗ୍ରାମୀ ଓ ସହିଦମାନଂକର ପ୍ରତି ଶ୍ରଦ୍ଧାଞ୍ଜଳୀ ପୂର୍ବକ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ପ୍ରତ୍ୟେକ ସ୍ମାରକି ଫଳକରେ ଲେଖାଯିବା ପାଇଁ ସ୍ଥିରିକୃତ ହୋଇଛି ।